**ଭା.କୃ.ଅନୁ.ପ.- ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର**

କୃଷକ ମାନଙ୍କ ପାଇଁ ନଭେମ୍ବର -୨୦୨୨ ମାସର କୃଷି ଉପଦେଶନାମା

**୧ . ସ୍ୱାସ୍ଥ୍ୟ ରକ୍ଷା ଯତ୍ନ**

- ବ୍ୟବହାର ପୂର୍ବରୁ,  ବ୍ୟବହାର ସମୟରେ ଏବଂ ପରେ ସମସ୍ତ କୃଷି ଯନ୍ତ୍ରପାତି ଗୁଡିକୁ ୩ ପ୍ରତିଶତ ବ୍ଲିଚିଙ୍ଗ ପାଉଡର ଦ୍ରବଣରେ ୩୦ ମିନିଟ ରଖି ବିଶୋଧନ କରିବା ଦରକାର ।
- କୃଷି କାର୍ଯ୍ୟ କରିବା ବେଳେ ତଥା ଖାଦ୍ୟ ଖାଇବା ପୂର୍ବରୁ ଏବଂ ପରେ ନିଜର ସ୍ୱଚ୍ଛତା ପାଳନ ଯଥା ମଝିରେ ମଝିରେ ହାତଠୁ କହୁଣି ପର୍ଯ୍ୟନ୍ତ, ପାଦ ତଥା ମୁହଁକୁ ସାବୁନରେ ଧୋଇ ସଫା କରିବା ଦରକାର।
- ଜିନିଷ ବିକ୍ରି ସମୟରେ ସାମାଜିକ ଦୂରତ୍ୱକୁ ମାନନ୍ତୁ ।
- କୃଷି ଓ ପଶୁ ଜାତ ଦ୍ରବ୍ୟ ବିକ୍ରି ପାଇଁ ନିକଟସ୍ଥ ହାଟ/ବଜାର ସହିତ ଜାତୀୟ କୃଷି ବଜାରର (e-NAM) ସହାୟତା ନେଇ ପାରିବେ ।

**୨.   ଜଳବାୟୁ ସମ୍ପର୍କିତ ସୂଚନା**

- ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି କରାଯାଉଥିବା ବର୍ଷା ଆଗମନ ସୂଚନା ଓ ଅନ୍ୟାନ୍ୟ ପାଗ ବିବରଣୀ ଟିଭି, ରେଡିଓ ଏବଂ ଖବର କାଗଜ ମାଧ୍ୟମରୁ ପ୍ରାପ୍ତ କରନ୍ତୁ ଓ ତଦନୁସାରେ କୃଷିକାର୍ଯ୍ୟ କରନ୍ତୁ ।

**୩.  ଜଳସେଚନ ପ୍ରଣାଳୀର ଭିତ୍ତିଭୂମିର ବିକାଶ ତଥା ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ଉପଦେଶ**

- ରବି ଋତୁରେ ଜଳର ସଦୁପଯୋଗ ପାଇଁ ବନ୍ୟା ଯୋଗୁଁ ନଷ୍ଟ ହୋଇ ଯାଇଥିବା ମୃତ୍ତିକା ତଥା ଜଳ ସଂରକ୍ଷଣ ଉତ୍ସ ଗୁଡିକୁ ତୁରନ୍ତ ମରାମତି କରି ନିଅନ୍ତୁ ।

**୪.   କ୍ଷେତ୍ର ପରିଚାଳନା**

- ଅଧିକ ଦିନ ଧରି ଶୁଖିଲା ପାଗ ଲାଗି ରହିଲେ, ଧାନ ବିଲରେ ଧାନର ଫୁଲ ତଥା ଥୋଡ ବାହାରିବା ସମୟରେ, କେନାଲ ଆଧାରିତ ଚାଷ ଜମି ଗୁଡିକ ପାଖରେ ଥିବା ସହାୟକକାରୀ ପୋଖରୀରୁ ଜଳ ନେଇ ୨ ରୁ ୩ ସେଣ୍ଟିମିଟର ଉଚ୍ଚତାର ଜଳସେଚନ କରାନ୍ତୁ ।
- ଧାନ ପାଚିବା ସମୟରେ କିଆରୀରୁ ଜଳ ନିଷ୍କାସନ କରି ଦିଅନ୍ତୁ ।
- ଧାନ ଅମଳ ପରେ ମୃତ୍ତିକା ଆଦ୍ରତାକୁ ଉପଯୋଗ କରି ଜିରୋ ଟିଲ ସିଡଡ୍ରିଲ କିମ୍ବା ହାପି ସିଡର ବ୍ୟବହାର କରି ରବି ଫସଲ ବୁଣନ୍ତୁ ।
- ଧାନ ନଡାକୁ ରବି ଋତୁରେ ଅଣଜଳସେଚିତ ଜମିରେ ମଲଚ ଭାବେ ବ୍ୟବହାର କଲେ ମୃତ୍ତିକାର ଆଦ୍ରତା ସଂରକ୍ଷଣ, ଘାସ ଦମନ ଓ ମୃତ୍ତିକାର ଉତ୍ତାପ ନିୟନ୍ତ୍ରଣ ହୋଇପାରିବ ।
- ଅଣ ଧାନ କ୍ଷେତରୁ ଅଧିକ ବର୍ଷାଜଳ ନିଷ୍କାସନ କରିବା ପାଇଁ ନାଳୀ ମାଧ୍ୟମରେ ଅବଶ୍ୟକ ମୁତାବକ ଜଳ ନିଷ୍କାସନ କରି ପୋଖରୀ ଗୁଡିକରେ ସଂରକ୍ଷଣ କରନ୍ତୁ ।
- ଧାନ ନଡାକୁ ଜମିରେ ଜଳାନ୍ତୁ ନାହିଁ, କାରଣ ଜମିରେ ନଡା ଜଳାଇଲେ ମୃତ୍ତିକା ସ୍ୱାସ୍ଥ୍ୟ ଖରାପ ହେବା ସହିତ ବାୟୁ ମଣ୍ଡଳ ପ୍ରଦୂଷିତ ହୋଇଥାଏ ।

**୫.   ଫସଲ ପରିଚାଳନା**

<u>**ଧାନ**</u>

- ଧାନ ପାଚିବା ଅବସ୍ଥା ସମୟରେ ଅଧିକ ବର୍ଷା ହେଲେ – ପର୍ଯ୍ୟାପ୍ତ ପରିମାଣର ଜଳ ନିଷ୍କାସନ ବ୍ୟବସ୍ଥା କରି ଅଧିକ ଜଳକୁ ନିଷ୍କାସିତ ବ୍ୟବସ୍ଥା କରିବା ଦରକାର ।
- ଯଦି ଧାନ ପାଚିବା ପରେ ବିଲରୁ ଜଳ ନିଷ୍କାସନ ସମ୍ଭବ ନ ହୁଏ, ତା ହେଲେ ଧାନ ଗଛର କେଣ୍ଡା ସହିତ ଉପରି ଭାଗକୁ କେବଳ ଅମଳ କରନ୍ତୁ ।
- ନୂଆ କରି ଅମଳ ହେଇଥିବା ଧାନକୁ ଗଦା କରି ରଖନ୍ତୁ ନାହିଁ।  ଭଣ୍ଡାର କରିବା ପୂର୍ବରୁ ଅମଳ ଧାନକୁ ଭଲ ଭାବରେ ଶୁଖାନ୍ତୁ ଯେପରି ତାର ଆଦ୍ରତା ଶତକଡା ୧୪ ଭାଗ କିମ୍ବା ତାଠାରୁ କମିଯିବ । ବିହନ ପାଇଁ ମଞ୍ଜିର ଆଦ୍ରତା ଶତକଡା ୧୨ ଭାଗରୁ କମ ରହିବା ଆବଶ୍ୟକ ।

**<u>ସୋରିଷ</u>**

- ଜମିରେ ଆଦ୍ରତା ଥିବା ବେଳେ ନଭେମ୍ବର ମାସ ପ୍ରଥମାର୍ଦ୍ଧରେ ସୋରିଷ ବୁଣା ସାରି ଦିଅନ୍ତୁ । ବର୍ଷା ଆଧାରିତ ତଥା ଜଳ ସେଚିତ ସୋରିଷ ଚାଷ ପାଇଁ ହେକ୍ଟର ପିଛା ଯଥାକ୍ରମେ ୨୦ କେଜି ଏବଂ ୪୦ କେଜି ସଲଫର ସାର ଯବକ୍ଷାରଜନ, ଫସଫରସ ଓ ପଟାସ ସାର ସହିତ ପ୍ରୟୋଗ କରିବା ଦରକାର । ଫଳରେ ଅଧିକ ଅମଳ ହେବ ଏବଂ ତେଲ ମାତ୍ରା  ମଧ ବଢିବ ।

**<u>ଡାଲି ଜାତୀୟ ଶସ୍ୟ</u>**

- ରବି ଋତୁରେ ବିଭିନ୍ନ ଡାଲି ଜାତୀୟ ଫସଲ ଯଥା ଚଣା, ମସୁର, ମଟର, ରାଜମା,ଖେସାରୀ, କୋଳଥ, ମୁଗ, ବିରି ଇତ୍ୟାଦିର ଚାଷ ପାଇଁ  ଏହା ହେଉଛି ପ୍ରକୃଷ୍ଟ ସମୟ ।

**<u>ପନିପରିବା</u>**

- ଶୀତଦିନିଆ ପନିପରିବା ଯଥା ବନ୍ଧାକୋବି, ଫୁଲକୋବି, ଟମାଟୋ, ବିନ, ମୂଳା, ଧନିଆ, ପାଳଙ୍ଗ ପ୍ରଭୃତି ଚାଷ ପାଇଁ ଏହା ହେଉଛି ପ୍ରକୃଷ୍ଟ ସମୟ ।

### ୬. ପଶୁ ପାଳନ ଏବଂ ମତ୍ସ୍ୟ ଚାଷ

- ମିଶ୍ରିତ ମତ୍ସ୍ୟ ଚାଷ କିମ୍ବା କମ ଘନତ୍ୱ ଚିଙ୍ଗୁଡି ଚାଷରେ ଜଳ ପରିବର୍ତ୍ତନ କରନ୍ତୁ ନାହିଁ କିମ୍ବା କମ କରନ୍ତୁ ।
- ମଝିରେ ମଝିରେ ପୋଖରୀ/ ଗାଡିଆରେ ଜଳର ଗୁଣବତ୍ତା ରକ୍ଷା ପାଇଁ ଚୂନ ପ୍ରୟୋଗ କରନ୍ତୁ ।
- ମତ୍ସ୍ୟ ଚାଷରେ ଅତ୍ୟଧିକ ଖାଦ୍ୟ, ଗୋବର କିମ୍ବା ଔଷଧ ପ୍ରୟୋଗ କରନ୍ତୁ ନାହିଁ  ।
- କୋଭିଡ ଓ କାର୍ତ୍ତିକ ମାସକୁ ନଜରରେ ରଖି କମ ଶ୍ରମିକ ବ୍ୟବହାର କରି ବିଭିନ୍ନ ଅନ୍ତରାଳରେ ମାଛ ଧରିଲେ ବିକ୍ରିବଟା ସମସ୍ୟା ରହିବ ନାହିଁ ।
- ଯେଉଁ ବିଲରେ କୀଟନାଶକ ଔଷଧ ବ୍ୟବହାର ହୋଇଛି ସେଠାକୁ ପଶୁ ମାନଙ୍କୁ ଘାସ ଖାଇବାକୁ ଛାଡନ୍ତୁ ନାହି।
- ପଶୁ ରହୁଥିବା ଗୃହ ଗୁଡିକୁ ବାହାର ପଟରୁ ମଶୁରୀ ବ୍ୟବହାର ସହିତ ସଫା ରଖି ଏବଂ ଚଟାଣରେ ଚୂନ ପ୍ରୟୋଗ କରି ମଶା, ମାଛି, ଟିଙ୍କ  ଆଦିଙ୍କୁ ଦମନ କରନ୍ତୁ ।
- ପଶୁମାନଙ୍କୁ ଟିଙ୍କ ଆଦି କୀଟ ଗୁଡିକର ପ୍ରାଦୁର୍ଭାବରୁ ରକ୍ଷା କରିବା ପାଇଁ ଲିଟର ପିଛା ୫୦ ମିଲିଗ୍ରାମର ସାଇପର ମେଥ୍ରୀନ / ଡେଲଟା ମେଥ୍ରୀନ ଦ୍ରବଣ ପ୍ରସ୍ତୁତ କରି  ସିଂଚନ କରନ୍ତୁ ।
- ପଶୁମାନଙ୍କର ମଳ ପରୀକ୍ଷା କରି କୃମିନାଶକ ଔଷଧ ଦିଅନ୍ତୁ ।